# ଅନୁଗୋଳକୁ ସମୃଦ୍ଧ କରିବାର ସଂକଳ୍ପ ନେବାକୁ ଆହ୍ୱାନ



ଅନୁଗୋଳ ଜିଲା ମହୋତ୍ସବ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନୁଗୋଳ ଜିଲାର ବିଧାୟକ, ଜିଲା ପରିଷଦ ସଭାପତି, ପୌରାଧ୍ୟକ୍ଷ ଓ ଜିଲାପାଳ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

- ୧୩ତମ ଅନୁଗୋଳ ଜିଲା ମହୋତ୍ସବ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ପ୍ରାୟ ୪୧୪ କୋଟିର ଉନ୍ନୟନ ପ୍ରକଳ୍ପ ଭିତ୍ତିପ୍ରସ୍ତର
- ୧୪୫ କୋଟିର ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ

**ଅନୁଗୋଳ,୧୭।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଷ୍ଟାଡିୟମରେ ଆୟୋଜିତ ୧୩ତମ ଅନୁଗୋଳ ଜିଲା ସାଂସ୍କୃତିକ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ଅନୁଗୋଳ ଜିଲାର ଐତିହ୍ୟ, ସଂସ୍କୃତି, ବୈଭବଭରା ସୌନ୍ଦର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଖଣି ଖାଦାନ ଓ ଶିଳ୍ପ ସମୃଦ୍ଧ ଯୋଗୁ ଅନୁଗୋଳ ରାଜ୍ୟ ତଥା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ବୋଲି କହିଥିଲେ। ଜିଲାର ବରପୁତ୍ରମାନଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନବକୃଷ୍ଣ ଚୌଧୁରୀଙ୍କ ଅତୁଳନୀୟ ଅବଦାନ ନେଇ ଅବଗତ କରାଇବା ସହ ୨୨ ମାସର ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ପ୍ରକାଶ କରିଥିଲେ। ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ ଏବଂ ନିଯୁକ୍ତିର ସୁଯୋଗ ଆସୁଛି। ନାରୀ ସଶକ୍ତୀକରଣ କରିବାକୁ ସରକାର ସଂକଳ୍ପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଏ ସରକାର କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜିଲାକୁ ସମୃଦ୍ଧ କରିବାର ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ।

ଉଦ୍‌ଘାଟନୀ ସମାରୋହରେ ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଅନୁଗୋଳ ଜିଲାର ବିକାଶ ଧାରାରେ ଯୋଡ଼ି ହେବାକୁ ଥିବା ୪୧୪ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୧୪୫ କୋଟି ଟଙ୍କା ବିନିମୟରେ ନିର୍ମିତ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସ୍ୱାଗତ ଭାଷଣ ଦେଇ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ସାତକୋଶିଆ ଅଭୟାରଣ୍ୟର ବିକାଶ ପାଇଁ ୧୦୦ କୋଟି ଟଙ୍କା ଅନୁଦାନ ମିଳିଛି ଏବଂ ବିଭାଗୀୟ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ପ୍ରମୁଖ ମଞ୍ଚାସୀନ ରହି ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାକ୍ତନ ଅଧ୍ୟାପକ କୁଳମଣି ନାୟକ ବେଦ ଉଚ୍ଚାରଣ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ପରିଷଦ ସଦସ୍ୟ, ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଅନୁଗୋଳ ମୁକ୍ତାକାଶ ରଙ୍ଗମଞ୍ଚକୁ ଉପସ୍ଥାପିକା ମେଘନା ମିଶ୍ର ସଞ୍ଚାଳନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟକ ମନ୍ଟୁ ଛୁରିଆଙ୍କ ରୋମାଣ୍ଟିକ ରିମିକ୍ସ ଏବଂ ଟିମ୍ ନୃତ୍ୟ ସଙ୍ଗୀତରେ ଯୁବ ଗୋଷ୍ଠୀ ଝୁମି ଉଠିଥିଲେ। ହାସ୍ୟ ଅଭିନେତା ପ୍ରଜ୍ଞାଙ୍କ କମେଡି ଶୋ ଦର୍ଶକଙ୍କୁ ହସେଇ ବେଦମ କରିଦେଇଥିଲା। ସପ୍ତାହକ ପୂର୍ବରୁ ଜିଲାର ପ୍ରମୁଖ ଦେବଦେବୀଙ୍କ ପିଠରୁ ଆସିଥିବା ମଶାଲକୁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଠାରୁ ଅପରାହ୍ନରେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ମଞ୍ଚସ୍ଥଳକୁ ଅଣାଯାଇଥିଲା। ଏହି ମଶାଲ ଶୋଭାଯାତ୍ରାରେ ଜିଲା ସଂସ୍କୃତି ପରିଷଦ ତଥା ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠ, ପଦ୍ମ ଲୋଚନ ପ୍ରଧାନ, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସଭାକାର୍ଯ୍ୟ ପୂର୍ବରୁ ଆଠମଲ୍ଲିକ ଲିପଲୋଇ ଦଣ୍ଡନୃତ୍ୟ, ଗୋପାଳପ୍ରସାଦ ପାଇକ ଆଖଡ଼ା, ଗଞ୍ଜାମ ଜିଲାର ବାଘନାଚ, ନୃତ୍ୟନୀଳୟ, କଳାକାର, ବଲାଙ୍ଗୀରର କୋଶଳ ଫୋକ୍ ଏକାଡେମୀ, ସୁନ୍ଦରଗଡ଼ରୁ ବୁଦ୍ଧ ପାତ୍ରଙ୍କ ଦଳଗତ ଆଦିବାସୀ ନୃତ୍ୟ ଆଦି ମଞ୍ଚସ୍ଥ ହୋଇଥିଲା। ମହୋତ୍ସବ ଅବସରରେ ଷ୍ଟାଡିୟମରେ ପଲ୍ଲିଶ୍ରୀ ମେଳାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।



ଅନୁଗୋଳ ଷ୍ଟାଡିୟମ ପରିସରରେ ସହସ୍ରାଧିକ ଦର୍ଶକ।

# ନାରୀଙ୍କ ସମ୍ମାନ ସମାଜ ଉନ୍ନତିର ଆଧାର: ମୁଖ୍ୟମନ୍ତ୍ରୀ

## ଅନୁଗୋଳରେ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମ



ଅନୁଗୋଳ ସହରସ୍ଥିତ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ ମହିଳାଙ୍କ ସହ ଅନ୍ୟମାନେ।

**ଅନୁଗୋଳ,୧୭।୪(ଦିବ୍ୟଶାନ୍ତନୁ ନାଥ)**

- ସୁଭଦ୍ରା, ଲକ୍ଷପତି ଦିଦି, କନ୍ୟା ବିବାହ ଯୋଜନା ସଶକ୍ତୀକରଣର ସୁଦୃଢ଼ ସ୍ତମ୍ଭ
- ମହିଳାଙ୍କ ପାଇଁ ୧.୨୨ ଲକ୍ଷ କୋଟି ଟଙ୍କାର ବଜେଟ ବ୍ୟବସ୍ଥା

ନାରୀ କେବଳ ପରିବାରର ନୁହେଁ, ସମାଜ ଓ ଜାତିର ମୂଳ ଶକ୍ତି ଭାବେ ପରିଚିତ। ନାରୀଶକ୍ତିର ବିଶାଳ ସମାଗମ ଭବିଷ୍ୟତ ଓଡ଼ିଶାର ଉନ୍ନତି ପାଇଁ ଏକ ସକାରାତ୍ମକ ସଙ୍କେତ ବୋଲି ଅନୁଗୋଳ ସହରସ୍ଥିତ ସଭାଗୃହରେ ଶୁକ୍ରବାର ଆୟୋଜିତ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମହିଳାମାନଙ୍କୁ ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ କରି ମୁଖ୍ୟମନ୍ତ୍ରୀ କହିଥିଲେ, 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ସମସ୍ତେ ସମର୍ଥନ କରିବା ଆବଶ୍ୟକ। ନାରୀଙ୍କ ଉନ୍ନତି ବିନା ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ ଓ ନାରୀ ସଶକ୍ତୀକରଣ ହେଉଛି ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତର ମୂଳ ଆଧାର। ନାରୀ ଶକ୍ତି ବନ୍ଦନ ବିଲ୍‌କୁ ବିରୋଧ ଅର୍ଥ ନାରୀ ଶକ୍ତିର ଅସମ୍ମାନ। ଏହାର ବିରୋଧ ହେଉଛି ନାରୀ ସଶକ୍ତୀକରଣର ବିରୋଧ। ଏହାକୁ ନାରୀ ସମାଜ କେବେ କ୍ଷମା ଦେବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି 'ମହିଳାଙ୍କ ନେତୃତ୍ୱରେ ବିକାଶ' ଆଜି ଦେଶର ମହିଳାମାନଙ୍କୁ ନୂଆ ଦିଗ ଦେଉଛି। ମହିଳାମାନେ ଶିକ୍ଷା, ସୁରକ୍ଷା, ବିଜ୍ଞାନ, କ୍ରୀଡ଼ା ଓ ପ୍ରଶାସନ ସମେତ ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ ପ୍ରମାଣ କରୁଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନାରୀଶକ୍ତିର ପ୍ରେରଣାଦାୟୀ ପ୍ରତୀକ। ସେହିପରି ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ଦେବା, ଲକ୍ଷପତି ଦିଦି ପରି ଉଦ୍ୟମ ମାଧ୍ୟମରେ ଆତ୍ମନିର୍ଭରତା ବୃଦ୍ଧି କରିବା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ମାଧ୍ୟମରେ ଅଭାବୀ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସୁଭଦ୍ରା ହିତାଧିକାରୀ ତଥା ବଅଁରପାଳ ବ୍ଲକର ତିଳୋତ୍ତମା ସାମନ୍ତଙ୍କ ସହ ମୁଖ୍ୟମନ୍ତ୍ରୀ ବାର୍ତ୍ତାଳାପ କରିବା ସହ ସୁଭଦ୍ରା ଯୋଜନାରୁ ମିଳିଥିବା ଅର୍ଥରେ ଗୋପାଳନ କରି ତିଳୋତ୍ତମା କିପରି ଆତ୍ମନିର୍ଭର ହୋଇପାରିଛନ୍ତି, ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ, ଅନୁଗୋଳ ଜିଲାରେ ୯୦ ହଜାରରୁ ଅଧିକ ଲକ୍ଷପତି ଦିଦି ଥିବାବେଳେ ସମଗ୍ର ରାଜ୍ୟରେ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଅଛନ୍ତି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୩୮୮ ଜଣ କନ୍ୟାଙ୍କ ବିବାହ ପାଇଁ ୧.୭୧ କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଛି। ଆଗାମୀ ବର୍ଷ ପାଇଁ ୧୧.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚଳିତ ବଜେଟରେ ମହିଳାଙ୍କ ପାଇଁ ୧.୨୨ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହା ମହିଳାଙ୍କ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗିତାକୁ ଆହୁରି ଶକ୍ତିଶାଳୀ କରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଏନ୍‌ଏସି ଭାଇସ ଚେୟାରମ୍ୟାନ ଅନୁପମା ସାହୁ, ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଦିନ ଗଲାନି,ରାସ୍ତା ଫାଟି ଆଁ



**ବଇଣ୍ଡା,୧୭।୪(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୋଳିଆ ପଞ୍ଚାୟତର ଗୁଣ୍ଡୁରିଝରଣ ଗ୍ରାମରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ୧୦ ଦିନ ନ ଯାଉଣୁ ଫାଟି ଆଁ କରିଛି। ଅତି ନିମ୍ନମାନର କାମ ହୋଇଥିବାରୁ ରାସ୍ତା ଫାଟି ଯାଇଥିବା ଅଭିଯୋଗ ହେଉଥିବାବେଳେ ଏହାକୁ ଘୋଡ଼ାଇବାକୁ ଠିକାଦାର ଉକ୍ତ ଫାଟରେ ସିମେଣ୍ଟ ଲଗାଇ ଦେଇଥିବା ଦେଖିବାକୁ ମିଳିଛି। ଏ ନେଇ ତଦନ୍ତ କରିବା ପାଇଁ ଗୁଣ୍ଡୁରିଝରଣ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଜିଲା ଖଣିଜ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଗୁଣ୍ଡୁରିଝରଣ ଗ୍ରାମରୁ ନାଳ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ହେଲେ ଠିକାସଂସ୍ଥା ପକ୍ଷରୁ ତରବାରିଆ ଭାବରେ ରାସ୍ତା କାମ କରାଯାଇଛି। ସିମେଣ୍ଟ ଭାଗ ଠିକ୍ ଭାବରେ ଦିଆଯାଇ ନ ଥିବାରୁ ରାସ୍ତା ଫାଟି ଆଁ କରିଛି। ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବାରୁ ଏପରି ନିମ୍ନମାନର କାମ କରାଯାଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ରାସ୍ତା କାମ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଆଠମଲ୍ଲିକ,୧୭।୪(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ନଗର ବିଜେଡି ଓ ବ୍ଲକ ବିଜେଡି ମିଳିତ ସହଯୋଗରେ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ, ନଗର ବିଜେଡି ସଭାପତି ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ଦଳର ବହୁ ନେତା ଓ ସମର୍ଥକ ଏକତ୍ରିତ ହୋଇ ଗଣେଶ ବଜାରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ବେଲପୁଞ୍ଜି ମଠ ମହାନଦୀ ଘାଟରେ ବିଜୁ ବାବୁଙ୍କ ନାମରେ ତିଳତର୍ପଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ବବିତା କର୍ଣ୍ଣ, ରଶ୍ମିରେଖା ମାହାର, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଏନ୍‌ଏସି ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଯୁବନେତା ମହେନ୍ଦ୍ର ସାହୁ, କୈଳାଶ ସାହୁ, ଏନ୍‌ଏସି ବିଜେଡି ପୂର୍ବତନ ସଭାପତି କବୀନ୍ଦ୍ର ଦାଶ, ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ସୁଦାମ ଚରଣ ସାହୁ, ପୂର୍ବତନ ସରପଞ୍ଚ ବିଶ୍ୱମ୍ଭର ବେହେରା, ବିଶ୍ୱ ରଞ୍ଜନ ଦେହୁରୀ, ଅଖିଳ ପ୍ରଧାନ, ଅନିଲ ମହାଲିକଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

# ଠାକୁରଗଡ଼ ପୋଲିସ ପକ୍ଷରୁ ଜଳଛତ୍ର

**ବଇଣ୍ଡା,୧୭।୪(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ପୋଲିସ ପକ୍ଷରୁ ଥାନା ନିକଟରେ ଶୁକ୍ରବାର ଜଳଛତ୍ର ଉଦ୍‌ଘାଟନ କରାଯାଇଛି। ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆ ଯୋଗଦେଇ ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଅଞ୍ଚଳବାସୀଙ୍କୁ ଦହି ସରବତ ବଣ୍ଟନ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ଠାକୁରଗଡ଼ ଥାନା ଆଇଆଇସି ଶଶିଭୂଷଣ ବେହେରା, ଏଏସ୍‌ଆଇ ଯଶୋବନ୍ତୀ ନାୟକ, ଗ୍ରାମର ସନ୍ତୋଷ କୁମାର ବିଶ୍ୱାଳ, ଇନ୍ଦ୍ରମଣି ସାହୁ , ଟୁନା ସାହୁଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

# ସାହିତ୍ୟ ମହୋତ୍ସବ, ସମ୍ବର୍ଦ୍ଧନା ସଭା




ସାହିତ୍ୟ ମହୋତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

**ତାଳଚେର, ୧୭।୪ (ମନୋଜ ନନ୍ଦ)**

ତାଳଚେରର ପୁରାତନ ସାହିତ୍ୟ ଓ ସମାଜସେବା ସଙ୍ଗଠନ ବିଷୁବ ମିଳନ କମିଟି ତରଫରୁ ପଞ୍ଚାୟତ ସଭାଘରଠାରେ ସାହିତ୍ୟ ଆଲୋଚନା, କବିତା ପାଠୋତ୍ସବ ସହିତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା କଲେଜର ଓଡ଼ିଆ ବିଭାଗ ପ୍ରଫେସର ଗୁରୁ ରାଉତରାୟ ଯୋଗଦେଇ ଓଡ଼ିଆ ସାହିତ୍ୟର କୃତି ଏବଂ ପୁରାତନ ସାହିତ୍ୟ ଓ ନୂତନ ସାହିତ୍ୟ ଧାରା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର କଲେଜ ନୃତତ୍ତ୍ୱ ବିଭାଗ ଅଧ୍ୟାପିକା ସୁଶ୍ରୀ ବାଗମୟୀ କବିକନ୍ୟା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଶିକ୍ଷାବିତ୍ ଧୀରା ଦାସ, ପୂର୍ବତନ ପ୍ରାଧ୍ୟାପିକା କଳ୍ପନା ବୋଇତି, ଗୀତିକବି ରତ୍ନପ୍ରଭା ବାଇ, ବରିଷ୍ଠ ଓକିଲ ଯଦୁମଣି ସାହୁ, ଶୋଭାଗିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଷୁବ ମିଳନ କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ କବି, ସମାଜସେବୀ ଅନୁଷ୍ଠାନ ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଳଚେରର ସମସ୍ତ କବୟିତ୍ରୀ, କବି ଯୋଗଦେଇ ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ କରିବାର ଶପଥ ନେଇଥିଲେ।

# ସହକାରୀ କୃଷି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**ବଇଣ୍ଡା,୧୭।୪(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକର ସହକାରୀ କୃଷି ଅଧିକାରୀ (ଏଏଓ) ଦୀପ୍ତିମୟୀ ସିଂଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁଗୋଳ ଜିଲା ମୁଖ୍ୟ କୃଷି ଅଧିକାରୀ ସୁପାରିସ କରିଛନ୍ତି। ଏକ ଦୁର୍ନୀତି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ତଦନ୍ତ କମିଟିର ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, କିଶୋରନଗର ବ୍ଲକ କୃଷି କାର୍ଯ୍ୟାଳୟରେ ଦୁର୍ନୀତି ହୋଇଥିବାବେଳେ ଅନୁଗୋଳ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗଠିତ ୬ ଜଣିଆ କମିଟି ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟରେ ସହକାରୀ କୃଷି ଅଧିକାରୀ ଏବଂ ସମ୍ପୃକ୍ତ ଥିବା ଅନ୍ୟ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ସ୍ପେଶାଲ ଅଡିଟ୍ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସମସ୍ତ ହରିଲୁଟ ଅର୍ଥରାଶିକୁ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଆଦାୟ କରିବା ପାଇଁ ମଧ୍ୟ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ଅନୁଗୋଳ ଜିଲା ମୁଖ୍ୟ କୃଷି ଅଧିକାରୀ ଚିଠି ସଂଖ୍ୟା ୧୪୧୦/୧୫।୦୪।୨୦୨୬ ମାଧ୍ୟମରେ ଭୁବନେଶ୍ୱରସ୍ଥିତ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ଏହି ଚିଠିର ନକଲ ଆଠମଲ୍ଲିକ କୃଷି ଜିଲା ଅଧିକାରୀ ଏବଂ ଅନୁଗୋଳ ଜିଲାପାଳଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି।



OFFICE OF THE CHIEF DISTRICT AGRICULTURE OFFICER, ANGUL
Near DIC Chhak, Hemasarpada, Dist-Angul, Pin-759122
Telephone No. 0676 4233236, Email-ddaangul.dag@nic.in

Letter No. 1410 /Agril., Dated the 15/04/2026

To
The Director of Agriculture and Food Production, Odisha, Bhubaneswar.

Sub: Regarding initiating disciplinary action against Smt. Diptimayee Singh, AAO, Kishorenagar.

Ref :- This office Memo No.938 dt. 05.03.2026 to his address.

Sir,
With reference to the subject cited above, I am to inform you that, the inquiry committee as per the order no. 934 dt. 05.03.2026 of CDAO, Angul has submitted their inquiry report (copy enclosed) and suggested for initiating disciplinary action against Smt. Diptimayee Singh, AAO and all other participants who have involved in the fraudulent activity and recovery of the amount as will be suggested by the Special Audit.
This is for favour of your kind information and necessary action.

Yours faithfully,

Encl :- As above.

Chief District Agriculture Officer, Angul

ଅନୁଗୋଳ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ପକ୍ଷରୁ କରାଯାଇଥିବା ଚିଠି।

ସୂଚନାଯୋଗ୍ୟ, କିଶୋରନଗର ବ୍ଲକ କୃଷି କାର୍ଯ୍ୟାଳୟରେ ସାର ଦୁର୍ନୀତି ସମ୍ପର୍କରେ ଆଠମଲ୍ଲିକ ଅଞ୍ଚଳର ସାମାଜିକ କର୍ମୀ ପ୍ରିୟଦର୍ଶନୀ ସ୍ୱାଇଁ ଓ ବିଶ୍ୱଜିତ ଗାଇଗରିଆ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ଦୁର୍ନୀତି ସମ୍ପର୍କରେ ତଦନ୍ତ କରାଯାଇଥିଲା। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ଦୀପ୍ତିମୟୀ ସିଂଙ୍କୁ ପଚରାଯିବାରୁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ। ଆଠମଲ୍ଲିକ କୃଷି ଜିଲା ଅଧିକାରୀ ବିନୋଦ କୁମାର ଦଳେଇ କହିଛନ୍ତି, ଦୁର୍ନୀତି ଅଭିଯୋଗର ତଦନ୍ତ କରିଥିବା ୬ ଜଣିଆ କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭୁବନେଶ୍ୱରସ୍ଥିତ କୃଷି ବିଭାଗ ନିର୍ଦ୍ଦେଶଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ।

# ପୋଲିସର ଦମନଲୀଳା ବନ୍ଦ ଦାବିରେ ବିକ୍ଷୋଭ

**ଅନୁଗୋଳ,୧୭।୪(ଦିବ୍ୟଶାନ୍ତନୁ ନାଥ)/ କଣିହାଁ (ନିରୋଜ ପ୍ରଧାନ)**




ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାୟଗଡ଼ା ଜିଲା ସିଜିମାଳି ଅଞ୍ଚଳରେ ଆଦିବାସୀମାନେ ଚଳାଇଥିବା ଆନ୍ଦୋଳନ ଉପରେ ପୋଲିସର ଦମନଲୀଳା, ଅନ୍ୟାୟ ଗିରଫଦାରି ବନ୍ଦ କରିବା, କେନ୍ଦୁଝର ଜିଲା ପାଟଣା ବ୍ଲକରେ ପ୍ରସ୍ତାବିତ କାରଖାନା ଓ ସୁନ୍ଦରଗଡ଼ ଜିଲାର ଲାଞ୍ଜିବେଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ କରିବା ଦାବିରେ ଶୁକ୍ରବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ କମିଟି ସଭ୍ୟ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କମିଟିର ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ରଣଜିତ ପ୍ରଧାନ, ସଞ୍ଜୟ ସାହୁ ପ୍ରମୁଖ ବକ୍ତବ୍ୟଦେଇ କେବଳ ସିଜିମାଳି ନୁହେଁ, ଅନୁଗୋଳ ଜିଲାରେ କୋଇଲା ଖଣି ଖନନ ଓ ପରିବହନ ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ନ୍ୟାଯ୍ୟ ଦାବିକୁ ଉପେକ୍ଷା କରିବା ଏବଂ ସେମାନଙ୍କ ଉପରେ ମିଥ୍ୟା ମାମଲା ଦେଇ ଗିରଫ କରିବା ଘଟଣାକୁ ମଧ୍ୟ ସମାଲୋଚନା କରିଥିଲେ। ଭିଟାମାଟିର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ଦମନ ତୁରନ୍ତ ବନ୍ଦ କରିବା, ମିଥ୍ୟା ମାମଲା ହଟାଯିବା ସହ ଗିରଫ ଲୋକମାନଙ୍କୁ ମୁକ୍ତ କରିବା, ସିଜିମାଳିରେ ବକ୍ସାଇଟ ଖଣି ପ୍ରକଳ୍ପ ବାତିଲ କରିବା, ଲୋକଙ୍କ ଜମି ଓ ଜଙ୍ଗଲକୁ ବଳପୂର୍ବକ ଅଧିଗ୍ରହଣ ଓ ବିସ୍ଥାପନ ବନ୍ଦ କରିବା ଆଦି ଦାବି କରାଯାଇଥିଲା। ପରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସଙ୍ଗଠକ ନିରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାମଲ, ପ୍ରତିମା ବେହେରା, ବିନତୀ ସାହୁ, ଅକ୍ଷୟ ବାରିକ, ଦୁଃଖବନ୍ଧୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କଣିହାଁ ବ୍ଲକ ଅଫିସ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କମିଟି ସଭ୍ୟ କୈଳାସ ଚନ୍ଦ୍ର ସାହୁ, ମାନସୀ ସ୍ୱାଇଁ, ପରମାନନ୍ଦ ସାହୁ ଓ ଟୁନା ନାଏକ, ପ୍ରତାପ କୁମାର ପ୍ରଧାନ, କିଶୋର ଚନ୍ଦ୍ର ବିଶ୍ୱାଳ, ମିନତୀ ସାମଲ, ଜେମାମଣି ନାଏକ, ବିଜୟ କୁମାର ସାହୁ, ଦୀନବନ୍ଧୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ।ଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁତୀକ୍ଷଣା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

# ସ୍ୱାଭିମାନ ଓଡ଼ିଶା ଗଠନ ପାଇଁ ବିଜୁବାବୁଙ୍କ ଦାନ ଅତୁଳନୀୟ




ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ବିଜେଡି ପକ୍ଷରୁ ପ୍ରବାଦପୁରୁଷ ଦିବସ

ଢେଙ୍କାନାଳ,୧୭।୪(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ମହାନ୍ ଜନନାୟକ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଉପଲକ୍ଷେ ଶୁକ୍ରବାର ସହରସ୍ଥିତ ଆରଟିଓ ଅଫିସ ନିକଟରେ ଥିବା ପୌରସଂସ୍ଥା ଅଡିଟୋରିୟମରେ ପ୍ରବାଦପୁରୁଷ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ବିଜୁ ବାବୁଙ୍କ ଦେଶପ୍ରେମ ଏବଂ ଓଡ଼ିଶା ବିକାଶରେ ଅବଦାନ ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ ଯେ, ସ୍ୱାଭିମାନ ଓଡ଼ିଶା ଗଠନ ପାଇଁ ପ୍ରବାଦପୁରୁଷ ବିଜୁବାବୁଙ୍କ ଦାନ ଅତୁଳନୀୟ। ଜୀବନରେ ସେ କେବେ ସାଲିସ କରିନାହାନ୍ତି । ସେ କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ କୋଣ ଅନୁକୋଣର ଲୋକଙ୍କ ପାଇଁ ପ୍ରବାଦପୁରୁଷ । ସ୍ୱାଭିମାନ ଓଡ଼ିଶା ଗଠନ ପାଇଁ ସେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନକୁ ଅଗ୍ରାଧିକାର ଦେଇଥିଲେ । ନିଜ ସମ୍ପତ୍ତି ବିକ୍ରିକରି ସେ ଓଡ଼ିଶାର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ । ଆଜିର ନେତାମାନେ ଜନତାଙ୍କ ତଣ୍ଟିଚିପି ସମ୍ପତ୍ତି ଠୁଳ କରୁଛନ୍ତି ବୋଲି ପୂର୍ବତନ ବିଧାୟକ କହିଥିଲେ ।

କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ଯୁବନେତା ଡା. ଅବିନାଶ ସାମଲ କହିଲେ ଯେ, ବିଜୁବାବୁଙ୍କ କର୍ମରୁ ହିଁ ସମଗ୍ର ଦେଶରେ ଟଲମ୍ୟାନ ଅଫ୍ ଓଡ଼ିଶା ବୋଲି ପରିଚିତ ଥିଲେ। ଓଡ଼ିଶା ପାଇଁ ବିଜୁବାବୁ ଓ ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କର ଅବଦାନ ମହାନ। ନବୀନ ବାବୁ ଓଡ଼ିଶାକୁ ସବୁ କ୍ଷେତ୍ରରେ ବହୁ ଆଗକୁ ନେଇଛନ୍ତି। ଆମର ଅର୍ଥନୀତି ୩ନଂ. ର୍ୟାଙ୍କକୁ ନେଇଥିଲେ । କିନ୍ତୁ ବର୍ତ୍ତମାନର ସରକାରରେ ଦୁଇବର୍ଷ ମଧ୍ୟରେ ଋଣଭାର ବ୍ୟାପକ ଭାବେ ବଢ଼ିଚାଲିଛି । ବିଜୁ ପରିବାରର ସମସ୍ତେ ଏକାଠି ରହିଲେ ସଂଗଠନ ସୁଦୃଢ଼ ହେବ । ଆମ ପାଇଁ ଯୁବଛାତ୍ର ଆମର ବଡ଼ ସାହସ । ବର୍ତ୍ତମାନ ସରକାରଙ୍କର ନେତାମାନେ ଗାଡିରେ ଗସ୍ତ କଲାବେଳେ ସେମାନଙ୍କ ପାଇଁ ଟ୍ରାଫିକ ପୋଷ୍ଟଗୁଡିକ ବନ୍ଦ ହୋଇଯାଉଛି । କିନ୍ତୁ ନବୀନ ପଟ୍ଟନାୟକ ଯେଉଁଆଡେ ଗସ୍ତ କରୁଥିଲେ, ସାଧାରଣ ଲୋକଙ୍କୁ ହଇରାଣ କରୁ ନ ଥିଲେ । ନବୀନ ପଟ୍ଟନାୟକ କାର୍ଯ୍ୟରେ ବିଶ୍ୱାସ କରନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ କହିଲେ ଯେ ଏଣିକି ପ୍ରତିବର୍ଷ ବିଜୁବାବୁଙ୍କର ତିରୋଧାନ ଦିବସକୁ ପ୍ରବାଦ ପୁରୁଷ ଦିବସ ଭାବେ ପାଳନ କରାଯିବ । ବିଜୁବାବୁ ଜଣେ ସ୍ୱାଭିମାନୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ଦୂରଦୃଷ୍ଟି ଥିଲା। ବିଜୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ପାରାଦୀପ ବନ୍ଦରକୁ ମୋଦି ସରକାର ଆଦାନୀ ଓ ଅମ୍ବାନୀ ହାତକୁ ଟେକିଦେବାକୁ ବସିଲେଣି।

ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲା ଲିଗାଲସେଲ ସଭାପତି ଗୋପାଳଚନ୍ଦ୍ର ପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ଛାତ୍ର ବିଜେଡି ସଭାପତି ଆରୟାନ ଦାସ, କାଉନସିଲର ଲିପିକା ଦାସ ଓ ସାଗିର ମହମ୍ମଦ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ପରିଡା, ପୌର ଯୁବ ସଭାପତି ବ୍ରହ୍ମାନନ୍ଦ ସାହୁ, ସଦର ବ୍ଲକ ଯୁବ ସଭାପତି ଯେଶସ ସାହୁ, ଗଁଦିଆ ମହିଳା ବିଜେଡି ସଭାପତି ଶୁଭଦର୍ଶିନୀ ପରିଡା, ବ୍ଲକ ସଭାପତି ପ୍ରଦୀପ କୁମାର ରାଉତ, ସଦର ବ୍ଲକ ସଭାପତି ଅଖିଳ କୁମାର ଲେଙ୍କା ପ୍ରମୁଖ ଉଦବୋଧନ ପ୍ରଦାନ କରି ବିଜୁବାବୁଙ୍କ ସ୍ୱପ୍ନ ପୂରଣ ପାଇଁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବର୍ତ୍ତମାନଠାରୁ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ରଞ୍ଜନ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ନରୋତ୍ତମ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିଶ୍ୱ ତାପାୟନ ହ୍ରାସ ପାଇଁ ବ୍ୟାପକ ଚାରାରୋପଣ ଆବଶ୍ୟକ

## ମହିମା ମହାବିଦ୍ୟାଳୟରେ ସମାଜ ବିଜ୍ଞାନ ସମ୍ମାନ

ଢେଙ୍କାନାଳ,୧୭।୪(ରତନ ନାୟାର)




ଢେଙ୍କାନାଳ ଜିଲା ଯୋରନ୍ଦା ମହିମାଗାଦିସ୍ଥିତ ମହିମା ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଦ୍ୱାରା ବିଶ୍ୱ ତାପାୟନ ଉପରେ ଏକ ସମ୍ମାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହିତ ବିଶ୍ୱ ତାପାୟନ ସମ୍ପ୍ରତି ଚିନ୍ତାର ବିଷୟ ଏବଂ ବ୍ୟାପକ ଚାରାରୋପଣ ଦ୍ୱାରା ଏହାକୁ ସାମୟିକ ହ୍ରାସ କରାଯାଇପାରିବ ବୋଲି ଅଧ୍ୟକ୍ଷ ମତ ରଖିଥିଲେ । ବିଭାଗୀୟ ଅଧ୍ୟାପିକା ଡ. ଶକୁନ୍ତଳା ଭୂୟାଁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ସମ୍ମାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ରମାନେ ବିଶ୍ୱତାପାୟନ ବିଷୟରେ ଆଲୋଚନାରେ ଅଂଶଗ୍ରହଣ କରି ବିଶ୍ୱ ତାପାୟନ ହ୍ରାସ ପାଇଁ ବ୍ୟାପକ ଚାରାରୋପଣ ଓ ସଚେତନତା ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ କାଳନ୍ଦୀ ଚରଣ ପଣ୍ଡା, ଛାତ୍ର ଲକ୍ଷ୍ମୀଧର ସ୍ୱାଇଁ, ଛାତ୍ରୀ ଲକ୍ଷ୍ମୀପ୍ରିୟା ବିନ୍ଧାଣୀ, ପ୍ରିୟଦର୍ଶିନୀ ପୁହାଣ, ପଲ୍ଲବୀ ବେହେରା, ଦେବସ୍ମିତା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ । ତୃତୀୟ ବର୍ଷର ଛାତ୍ରୀ ପ୍ରିୟାଙ୍କା ମହାନ୍ତି ଓ ପ୍ରଥମ ବର୍ଷର ଛାତ୍ରୀ ଲକ୍ଷ୍ମୀପ୍ରିୟ ବିନ୍ଧାଣୀ ସନ୍ଦର୍ଭ ପାଠ କରିଥିଲେ । ଏହି ଅବସରରେ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ତୃତୀୟବର୍ଷର ଛାତ୍ରୀଛାତ୍ର ନିଜର ଅନୁଭୂତି ବଖାଣିବା ସହିତ କଠିନ ପରିଶ୍ରମର ବିକଳ୍ପ ନାହିଁ ବୋଲି ଉପଦେଶ ଦେଇଥିଲେ । ଛାତ୍ରୀ ସାଗରିକା ପୁହାଣ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସୋଳ ମହୋତ୍ସବର ୪ର୍ଥ ସନ୍ଧ୍ୟା

ରାସୋଳ,୧୭।୪(ସରୋଜ ମିଶ୍ର)




ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ହାଟ ପଡିଆଠାରେ ରାସୋଳ ବିକାଶ ପରିଷଦ ଦ୍ୱାରା ଏକବିଂଶତମ ରାସୋଳ ମହୋତ୍ସବର ୪ର୍ଥ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କମିଟି ସଭାପତି ଭକ୍ତ ଚରଣ ଦାସ ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ନଗେନ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ଛବିରାଜ ବିଶ୍ୱାଳ, ପ୍ରଦେଶ କଂଗ୍ରେସ ସମିତି ସଭ୍ୟ ସୁବାସ ପାଲ ପ୍ରମୁଖ ଯୋଗଦେଇଥିଲେ। ବିକାଶ ପରିଷଦର ସଭାପତି ପୂର୍ବତନ ବିଧାୟକ ମହେଶ୍ୱର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଭାସ୍କରଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆୟୋଜିତ ମହୋତ୍ସବ ଅବସରରେ ପଲ୍ଲିଶ୍ରୀ ମେଳା ଓ ମିନା ବଜାରରେ ଜନସମାଗମ ଦେଖାଯାଇଥିଲା ।

# ମଦ ବିକ୍ରି ବନ୍ଦ ଦାବିରେ ମହିଳା ଗୋଷ୍ଠୀଙ୍କ ଅଭିଯାନ

ଓଡ଼ାପଡ଼ା, ୧୭।୪(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ବାଘୁଆସିଂହ ପଞ୍ଚାୟତ ଅଧୀନ ପନେଇଲୋ ଗ୍ରାମରେ ମଦ କାରବାର ବନ୍ଦ କରିବା ଦାବିରେ ମହିଳା ଗୋଷ୍ଠୀର ସଦସ୍ୟମାନେ ମଦ କାରବାର କରୁଥିବା ବ୍ୟକ୍ତିଙ୍କୁ ଚେତାବନୀ ଦେବା ସହିତ 'ମଦ ହଟାଓ ପରିବାର ବଞ୍ଚାଓ' ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ଓଡ଼ାପଡ଼ା ବ୍ଲକ ଯାଇ ମଦ କାରବାର ବନ୍ଦ କରିବା ଦାବିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମହିଳାମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ହିନ୍ଦୋଳ ରୋଡ୍ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ଦୀର୍ଘ ବର୍ଷ ଧରି ପନେଇଲୋ ଗ୍ରାମରେ ଚୋରାମଦ କାରବାର ହେଉଛି। ଫଳରେ ଗଣ୍ଡଗୋଳ ମାରପିଟ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହାଦ୍ୱାରା ଲୋକମାନଙ୍କ ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଅନେକ ବିଭିନ୍ନ ରୋଗର ପଡ଼ି ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଅବକାରୀ ବିଭାଗ କିମ୍ବା ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଚୋରାମଦ କାରବାର କୁଟୀର ଶିଳ୍ପରେ ପରିଣତ ହେଇଥିବା ଅଭିଯୋଗ ହୋଇଛି। ଏହି ମଦ କାରବାର ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।




ମହିଳାମାନେ ଗାଁରେ ସଚେତନତା ଶୋଭାଯାତ୍ରା କରୁଛନ୍ତି।

# ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ



କାମାକ୍ଷାନଗର, ୧୭।୪ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ତରଫରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସହରର ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ଥାନୀୟ ମେଡିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପରେ କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ତଥା ଢେଙ୍କାନାଳ ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନନ୍ତପୁରଠାରେ ଥିବା ବିଜେଡି କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରୁ ଶତାଧିକ ବିଜୁପ୍ରେମୀ ଉପସ୍ଥିତ ରହି ପ୍ରବାଦପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ 'ବିଜୁ ବାବୁଙ୍କ ଦେଶପ୍ରେମ ଏବଂ ଓଡିଶା ବିକାଶର ଅବଦାନ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଭୁବନ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି, ନଗର ସଭାପତି, ସଭାନେତ୍ରୀ, ଦଳୀୟ ପଦପଦବୀରେ ଥିବା ବହୁ ବ୍ୟକ୍ତି ବିଶେଷଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ବହୁ କାଉନସିଲର ଓ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଶତାଧିକ ବିଜୁପ୍ରେମୀ ଯୋଗଦେଇଥିଲେ।

# ବିଜୁବାବୁଙ୍କ ତ୍ୟାଗ ଉପରେ ଆଲୋକପାତ

ପାଲଲହଡ଼ା,୧୭।୪(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ସଦର ମହକୁମାଠାରେ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନମଣ୍ଡଳସ୍ତରୀୟ ବିଜୁ ବାବୁଙ୍କ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳ ୮ ଟାରେ ପାଲଲହଡ଼ାର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଶରତ ଚନ୍ଦ୍ର କ୍ଲବଠାରେ ପାଲଲହଡ଼ା ବ୍ଲକ ବିଜେଡି ସଭାପତି ରଞ୍ଜିତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, କଣିହାଁ ବ୍ଲକ ଅଧ୍ୟକ୍ଷା ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲା ପରିଷଦ ସଦସ୍ୟ ବୁଧୁରାମ ବଇପାଇ, କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ହେମନ୍ତ କୁମାର ଦାଶ, ବଙ୍ଗାଳି ବେହେରା, ପାଲଲହଡା ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସତ୍ୟଭାମା ବେହେରା ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଦେଶଭକ୍ତି ଓ ତ୍ୟାଗ ଉପରେ ଆଲୋକପାତ କରିଥିଲେ। ନିର୍ବାଚନ ମଣ୍ଡଳୀର ୪୬ଟି ପଞ୍ଚାୟତର ଦଳୀୟ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି ଏବଂ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ଯୋଗଦେଇଥିଲେ।



ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କାନ୍ତୋଲ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ କେତେଜଣ ପୋଲିସ କର୍ମଚାରୀଙ୍କ ସହ ଅନ୍ୟକିଛି ଯୁବକ ଆସି ଗାଳିଗୁଲଜ କରିବା ସହ ମାରପିଟ୍ ଓ ଅସଦାଚରଣ କରିଥିଲେ। ଏହି ଘଟଣାରେ ନ୍ୟାୟ ପ୍ରଦାନ ପାଇଁ ପୀଡ଼ିତା ମହିଳା ଶୁକ୍ରବାର ସମ୍ପର୍କୀୟମାନଙ୍କ ସହିତ ଢେଙ୍କାନାଳ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିବାକୁ ଯାଉଛନ୍ତି।

# ଓଡ଼ିଶା ଭିଏଲ୍‌ଇ ମହାସଂଘର ବନ୍ଧୁମିଳନ

ସନ୍ତ୍ରୀଛକ,୧୭।୪(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ଭିଏଲଇ ମହାସଂଘ ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆମ୍ବିଠି ସ୍ଥିତ ମା' ବନଦୁର୍ଗାଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ସଭାପତି ଗୌରୀ ଶଙ୍କର ମିଶ୍ର, ସମ୍ପାଦିକା ସାଧନା ନାୟକ, କୋର୍ କମିଟି ସଦସ୍ୟ ହେମନ୍ତ ପୁହାଣ, ଅନୁଗୋଳ ଜିଲା ଜନସେବା କେନ୍ଦ୍ର ଭିଏଲଇ ସଦସ୍ୟ ସନ୍ତୋଷ କୁମାର ସାହୁ, ଜୟକୃଷ୍ଣ ସାହୁ, ବୀରେନ ସାମଲ, ସୁଶାନ୍ତ ସାହୁ, ଗୁରୁଚରଣ ମହାଳିକ, ବୁବୁ ଗଡ଼ନାୟକ, ସୁନୀଲ ମହାନ୍ତି, ମାନସ ରଞ୍ଜନ ସାହୁ, ସତ୍ୟଜିତ୍ ବେହେରା ପ୍ରମୁଖ ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଅନୁଗୋଳ ଜିଲା ମହୀଧରପୁର ପଞ୍ଚାୟତର ଜନସେବା କେନ୍ଦ୍ର ପରିଚାଳକ ନରେନ୍ଦ୍ର ସାହୁଙ୍କ ଅକାଳ ବିୟୋଗରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ମହାସଂଘ ତରଫରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ମହିଳା ସିଲେଇ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଢେଙ୍କାନାଳ,୧୭।୪(ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଅଗ୍ରଣୀ ବ୍ୟାଙ୍କ ଦ୍ୱାରା ପରିଚାଳିତ ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ୩୨ଜଣ ମହିଳା ଓ ଯୁବତୀଙ୍କୁ ନେଇ ସିଲେଇ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମ ଏକମାସ ଧରି ଚାଲିବ । ଜିଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଦେବାଶିଷ କୁଣ୍ଡୁ, ଜିଲା ଦକ୍ଷତା ଓ ନିୟୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର, ଜିଲା ଶିଳ୍ପ ବିଭାଗ ଅଧିକାରୀ ସସ୍ମିତା ବାସ୍କେ, ଟ୍ରେନର ମିନତୀ ନନ୍ଦ ଓ ପ୍ରତିଷ୍ଠାନର ନିର୍ଦ୍ଦେଶିକା ଶିବାନୀ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ । ମହିଳା ଓ ଯୁବତୀମାନେ ତାଲିମ ନେଇ ଆତ୍ମନିର୍ଭରଶୀଳ ହୋଇ ରୋଜଗାରକ୍ଷମ ହେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ସ୍ନେହସ୍ମିତା ସାହୁ, ପ୍ରବଣ ମିଶ୍ର ଓ ସତ୍ୟମ ଶୁଭମ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ମହିମାଧର୍ମ ସମାଜକୁ ମାର୍ଗଦର୍ଶନ ଦେଖାଉଛି

## ମହିମା ବହିମେଳାର ଅଷ୍ଟମ ସନ୍ଧ୍ୟା

ଢେଙ୍କାନାଳ,୧୭।୪(ରତନ ନାୟାର)




ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୁ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ମହିମା ବହି ମେଳାର ୮ମ ସନ୍ଧ୍ୟାରେ ଶୁକ୍ରବାର ମହିମାଧର୍ମର ମହିମା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ, ଯୁଗଯୁଗ ଧରି ମହିମାଧର୍ମ ସମାଜକୁ ମାର୍ଗଦର୍ଶନ ଦେଇଆସୁଛି ବୋଲି କହିଥିଲେ । ଢେଙ୍କାନାଳ ମାଟିରୁ ଉତ୍ପତ୍ତି ହୋଇଥିବା ଏହି ଧର୍ମ, ସମ୍ବିଧାନ ଓ ଜାତିସଂଘର ନିଜର ମୂଲ୍ୟବାନ ବାଣି ପ୍ରତିଷ୍ଠା କରାଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପଣ୍ଡିତା ପ୍ରମୋଦ ମିଶ୍ର, ଅଧ୍ୟାପକ ଡ. ତନ୍ମୟ କବି, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ସାହିତ୍ୟିକ ସୟଦ ସଫିର ଅଲ୍ଲୀ, ମହିମା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲାଦ ସ୍ୱାଇଁ ପ୍ରମୁଖ ମହିମାଧର୍ମ ଏକେଶ୍ୱରବାଦର ପ୍ରତୀକ ଏବଂ ପ୍ରକୃତିର ଉପାସକ, ଯାହାକି ସମ୍ୟତାର ବାର୍ତ୍ତା ପ୍ରଦାନ କରୁଛି ବୋଲି କହିଥିଲେ। ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ନିୟୁ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାଟ୍ୟକାର ଶତ୍ରୁଘ୍ନ ମାଟି ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା ।

# ଗଁଦିଆ-କପିଳାସ ନିର୍ବାଚନମଣ୍ଡଳୀ ଦାବି ଜୋର ଧରିଲା

ଢେଙ୍କାନାଳ,୧୭।୪(ରତନ ନାୟାର)




ପୁର୍ନଗଠନ ହେବାକୁ ଥିବା ପ୍ରସ୍ତାବିତ ଗଁଦିଆ(କପିଳାସ) ବିଧାନସଭା ନିର୍ବାଚନ ମଣ୍ଡଳୀର ମ୍ୟାପ୍।

ନିର୍ବାଚନ ମଣ୍ଡଳୀ ପୁର୍ନଗଠନରେ ଢେଙ୍କାନାଳ ଜିଲାର ଗଁଦିଆ (କପିଳାସ) ବିଧାନସଭା ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ପାଇଁ ଦାବି ଜୋର ଧରିଛି । ଏହାକୁ ନେଇ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହେବା ପାଇଁ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ଆହ୍ୱାନ ଦିଆଯାଇଛି । ମଞ୍ଚର ସଭାପତି ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ସୂଚନା ମୁତାବକ ୨୦୦୭ରେ ଚକ୍ରାନ୍ତ କରାଯାଇ ପୁରୁଣା ୧୧୯-ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳୀକୁ ବିଲୁପ୍ତ କରାଯାଇ ୫୫-ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ସହିତ ମିଶାଯାଇଥିଲା । ଏଥିସହିତ ପୁରୁଣା ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳୀର ୯ଟି ପଞ୍ଚାୟତକୁ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀ ସହିତ ଯୋଡ଼ାଯାଇଥିଲା । ସେହି ସମୟରେ ଅଞ୍ଚଳର ଭୌଗୋଳିକ, ସାମାଜିକ ଓ ପ୍ରଶାସନିକ ପରିସ୍ଥିତିକୁ ଅବହେଳା କରାଯାଇଥିଲା। ଏହାକୁ ନେଇ ତୀବ୍ର ପ୍ରତିବାଦ କରାଯାଇଥିଲା। ଏପରିକି ଦିଲ୍ଲୀରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବା ସହ ସମ୍ବଲପୁରରେ ହୋଇଥିବା ଜନ ଶୁଣାଣିରେ ମତ ରଖାଯାଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରି ନ ଥିଲା। ବର୍ତ୍ତମାନ ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ପ୍ରକ୍ରିୟାରେ ଓଡ଼ିଶାରେ ଆହୁରି ଏମ୍‌ପି ସିଟ୍ ବୃଦ୍ଧି ଓ ପ୍ରାୟ ୬୩ଟି ନୂତନ ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠନର ସମ୍ଭାବନା ରହିଛି । ପ୍ରତ୍ୟେକ ନୂତନ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାୟ ୨ଲକ୍ଷ ଜନସଂଖ୍ୟାକୁ ଆଧାର କରି ଗଠିତ ହେବାର ପ୍ରସ୍ତାବ ରହିଛି ବୋଲି ପୂର୍ବତନ ବିଧାୟକ କହିଛନ୍ତି। ତନ୍ମଧ୍ୟରେ ପୁରୁଣା ଗଁଦିଆ ନିର୍ବାଚନ ମଣ୍ଡଳୀକୁ ପୁର୍ନଗଠନ କରିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଗଁଦିଆ ଅଞ୍ଚଳରେ ନୂତନ ଏନ୍‌ଏସି ଘୋଷଣା ହୋଇଥିବା ବେଳେ ଏଥିନିମନ୍ତେ ପୁରୁଣା ପୋରୁହଖୋଜ ଓ ଗଁଦିଆ ଗ୍ରାମପଞ୍ଚାୟତ ସହିତ ବିଧାରପୁର ଓ ମଠତେନ୍ତୁଳିଆ ଗ୍ରାମପଞ୍ଚାୟତର କିଛି ଅଂଶକୁ ମିଶାଇ ୧୬ଟି ୱାର୍ଡ ଗଠିତ ହୋଇଛି। ଏତଦବ୍ୟତୀତ ବର୍ତ୍ତମାନ କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ବଣସିଂହ, ରାଧାଦେଇପୁର, ତରଭା, ନୂଆଗାଁ, ସୋଗରପଶି, ଚାଉଳିଆ, ବାରଦା, ଗେଙ୍ଗୁଟିଆ ଓ ସାଙ୍କୁଲେଇ ଏବଂ ଢେଙ୍କାନାଳ ସଦର ବ୍ଲକର କାଇମାଟି, ବେଲଟିକିରି, ନାଗିଆପଶି, କାଙ୍କଡପାଳ, ଶୁଆଖାଇକାଟେଣୀ ପଞ୍ଚାୟତ ଗଁଦିଆ ଅଞ୍ଚଳ ସହିତ ସଲଗ୍ନ । ସମସ୍ତ ତଥ୍ୟ ଓ ଯୁକ୍ତିକୁ ଆଧାରକରି ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଗଁଦିଆ (କପିଳାସ) ବିଧାନସଭା ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ପାଇଁ ଏକତ୍ରିତ ହେବା ପାଇଁ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ପୂର୍ବତନ ବିଧାୟକ ନନ୍ଦ ଆହ୍ୱାନ ଦେଇଛନ୍ତି ।

